
କ
ଲ
ମ
୨୦୧୧
ବନ୍ଧୁ

# ପିଲାବେଳ, ପହଲି ସାର୍ ଓ ପାକିସ୍ତାନ

ସମ୍ଭବତଃ ତୃତୀୟ ରେ ପଢୁଥାଏ ମୁଁ । ନୂଆ ତିଆରି ଆଜବେଷ୍ଟସ ଛାତ ସ୍କୁଲ ଘରେ ପହଲିସାର୍ ପାଠ ପଢଉଥିବା ବେଳେ ପଶିଆସିବାର ଉପକ୍ରମ କଲେ ଜଣେ ଅପରିଚିତ ଡେଙ୍ଗା ପତଳା ଆଗନ୍ତୁକ । ତାଙ୍କ ଉଦ୍ଦେଶ୍ୟ ଜାଣିବା ପୂର୍ବକ ପହଲି ସାର୍, ଯିଏ ଥିଲେ ଆମ ଛୁଆସମାଜ ର ସର୍ବାଧିକ ଶଙ୍କାସୃଷ୍ଟି କାରୀ ବ୍ୟକ୍ତି, ଶ୍ରେଣୀ ବାହାରକୁ ଚାଲିଗଲେ । ସାର୍ କହିଲେ ସେତେବେଳେ ଆମ ଗାଁଟା ସାରା ଲୋକ ତାଙ୍କୁ ହିଁ ବୁଝୁଥିଲେ ଅକ୍ଳେଶରେ । ଏମିତିକି ବୟସ ହୋଇନଥିବା ହେତୁ ସ୍କୁଲ ଯାଇନଥିବା ଅଝଟ ପିଲାଙ୍କୁ ଶାସନ କରିବା ବେଳେ, ତା ବୋଉ ବା (ବୋଉ ସୁଲଭ ପ୍ରକାଶମୟ ସ୍ନେହଶୀଳ) ବାପାଙ୍କର କୁପ୍ରଚଳିତ

କଡାତମ ଧମକ ଥିଲା, "ଚାଲିଲୁ ପହଲିସାର୍ ଙ୍କ ପାଖକୁ ?" ଏକ ଦଶନ୍ଧିରୁ ଅଧିକ କାଳ ଆମ ଗାଁର ବାଳୁତ ସମାଜର ସମସ୍ତ ଶୃଙ୍ଖଳିତ ବିକାଶ ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ଭବୁଥିଲା ।ବାଳୁଙ୍ଗା ବାଳୁତ ଙ୍କ ପାଇଁ ସେ ଯେମିତି ଥିଲେ ଅବିସଂବାଦିତ ଆତଙ୍କ, ଅବଶିଷ୍ଟ ଗ୍ରାମିକମାନଙ୍କ ପାଇଁ ସେମିତି ଥିଲେ ସର୍ବଥା ସମ୍ମାନନୀୟ । ସେ ଅଭୁଲା ପିଲାବେଳ ଅତିକ୍ରମି ଯିବାର ବହୁବର୍ଷ ପରେ, ସାର୍ଙ୍କୁ ରାସ୍ତାଘାଟ ବା ହାଟବଜାରରେ ହଠାତ୍ ଦେଖିଦେଲେ, ଚଉଠଶତକ ତଳର ସେ ସମ୍ଭ୍ରମ-ଆତଙ୍କ ଓଜାଡି ହୋଇପଡେ ଆକାଶରୁ । ମୁଁ ଓଦା ହୋଇଯାଏ ।

ସାର୍ଙ୍କ ଏମିତି ଶ୍ରେଣୀ ବାହାରକୁ ଚାଲିଯିବା ଆମ ପାଇଁ ସବୁବେଳେ ଥାଏ ଉଲ୍ଲାସପ୍ରଦ ଅତଏବ ଅପେକ୍ଷିତ । ଅବଶ୍ୟ ଅଧିକାଂଶ ସମୟରେ ଆମକୁ ନିରାଶ ହେବାକୁ ପଡିଥାଏ ।

ସାର୍ଙ୍କ ଠାରୁ ଏ ପ୍ରକାରର ଅଘୋଷିତ କ୍ଷାନ୍ତିର କଉତୁକ ଖୁବ୍ ନିଆରା । ସାର୍ ବାହାରକୁ ଯିବାର ଉପକ୍ରମ କରୁକରୁ ହିଁ ଆମେ ମାତି ଉଠିଲୁ ସାଠଆଲାପ ରେ । ସେଦିନ ସ୍କୁଲ ଛୁଟି ହେବାଠାରୁ ପରଦିନ ସ୍କୁଲ ଆରମ୍ଭ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ମାନଙ୍କର ଖସଡା ପ୍ରସ୍ତୁତ ଓ ଅନୁମୋଦିତ ହେବାରେ ଲାଗିଲା ଯଥା କଇଁଆ ଛୋକଡ (ପାଚିଲା କଇଁଆ ଟେକା ଯୋଗେ ଭୁପତିତକରି, ଲୁଣ ଲଙ୍କା ଧନିଆଁ ପତ୍ର ସହ ପାଣି ରେ ଚକଡି, କଦଳି ପତ୍ର ରେ ଫିଙ୍ଗ୍ଣ କରି ଖାଇବାକୁ ବୁଝାଉଥିବା  ଗୋଟିଏ ଏକଶବ୍ଦୀ ହେଉଚି ଛୋକଡ), ନଟୁଖେଳ, ରାଉତଘର ତୋଟା ରୁ ମଣିଷମୁଣ୍ଡିଆ ଓ କାକୁଡିଆ ଆଂବ ପାରିବା, କଣ୍ଡରାଯୋରରେ ବନ୍‌ଶି ପକାଇବା, ଚୋରପୁଲିସ୍ ଖେଳ ଇତ୍ୟାଦି । ‘ସାର୍ ଆଇଲେ’ ବୋଲି କିଏ ଜଣେ ଫୁସ୍‌କରି କହିଦେଲା ଓ

ଅବିଳମ୍ବେ ସେ ବାଷ୍ପୀୟ ଫୁସ୍‌ଟି ଗୋଟେ ତୀକ୍ଷ୍ଣ ଓ ଶକ୍ତ କଣ୍ଠରେ ପରିଣତ ହୋଇ ଆମ କଅଁଳିଆ ଛାତିମାନଙ୍କରେ ଗଳି ବାହାରିଗଲା । କି ଦାରୁଣ ସେ ମୁହୂର୍ତ୍ତ ! ତେଜିଉଠୁଉଠୁ ହଠାତ୍ ଥମିଗଲା କୋଳାହଳ-ଭାଙ୍ଗିପଡ଼ିଲା ଆମ ଆନନ୍ଦର ଅଟ୍ଟାଳିକା । ସାର୍ ଆସିଗଲେ । ସମସ୍ତଙ୍କୁ ଚକିତ ତଥା ଉଲ୍ଲସିତକରି ସେ ଘୋଷଣା କଲେ, "ଛୁଟି ହେଲା"। ନିଜ କାନକୁ ପୁଣିଥରେ ନିଶବ୍ଦରେ ପଚାରି ନିଶ୍ଚିତ ହେଲୁ ସେ ମଧୁରତମ ଘୋଷଣା ସଂପର୍କେ ଓ ସବୁଦିନ ପରି ଗୋଟିଏ ପ୍ରକାଣ୍ଡ ସାମୁହିକ 'ହୋ' କରି ଚଟ ବ୍ୟାଗ୍ ଧରି ଦଉଡ଼ିଲୁ ଏକାମୁହାଁ ହୋଇ ଘରକୁ । ନୂଆ ପିରିଅଡ୍ ଆରମ୍ଭ ହେବା, ପ୍ରାର୍ଥନା ଆରମ୍ଭ ହେବା ପୂର୍ବରୁ  କିଏ ଜଣେ ପିଲା ଘଣ୍ଟି ବାଡ଼ାଏ । କିନ୍ତୁ ଛୁଟି ହେବାର ଘଣ୍ଟି ବଜାନ୍ତି ସାର୍, କାରଣ ସେତେବେଳକୁ କେହି ପିଲା ନଥାନ୍ତି । ସବୁଦିନର

ଛୁଟି ଏମିତି ଗୋଟିଏ 'ହୋ' ସହ ହିଁ ହୋଇଥାଏ ଓ ଛୁଟି ପରେ ଚାଲିଚାଲି ଘରକୁ ଫେରିବା ଥିଲା ଗୋଟିଏ ବିରାଟ ଅସ୍ୱାଭାବିକତା । ପୁଣି ଛୁଟିଟି ଯେବେ ଚାରିଟା ପୁର୍ବରୁ ହୁଏ, ବହୁ ଗୁଣ ବଢିଯାଏ ଆମ ପାଦର ବେଗ ଓ 'ହୋ' ର ଡେସିବେଲ୍ । ଏମିତି ଅଚାନକ ଛୁଟିଗୁଡିକର କାରଣ ବିଷୟରେ ମୁଣ୍ଡଖେଳାଇବା ନିହାତି ଏକ ବୋକାମି ବୋଲି ବିବେଚିତ ହେଉଥିଲା । କିନ୍ତୁ ସେଦିନର ସେ ଡେଙ୍ଗା ଲୋକ, ସର୍ବଦା ଆତଙ୍କ ବିଛୁରଣ କରୁଥିବା ପହଲି ସାର୍ଙ୍କ ମୁହଁର ଅସହଜ ଭାବ ଓ ଛୁଟି ଘୋଷଣା, ଏସବୁ ମୋତେ ବାଧ୍ୟକରୁଥିଲା ସେ ବିଷୟରେ ଭାବିବାକୁ । ଘରେ ପହଞ୍ଚି ଦାଦାଙ୍କୁ ପଚାରିଲି, ପୁର୍ବରୁ କେବେ ଦେଖିନଥିବା ସେ ଲୋକଟି ବିଷୟରେ । ସେମାନେ ଆମ ଦେଶସାରା ବୁଲି ବୁଲି ସ୍କୁଲ ବନ୍ଦ କରାନ୍ତି ବୋଲି ଉତ୍ତର ପାଇଲି ।

କିନ୍ତୁ କାହିଁକି ? ପୁଣି ପ୍ରଶ୍ନଟିଏ କଲି । ବୋଧହୁଏ ଦାଦାଙ୍କୁ ଅଡୁଆ ଲାଗିଲା । ହୁଏତ ତାଙ୍କ ପାଖେ କିଛି ସନ୍ତୋଷଜନକ ଉତ୍ତର ନଥିଲା ବା ଯେଉଁ ଉତ୍ତରଟି ଥିଲା, ତାହା ମୋ ଛୋଟପିଲା ମୁଣ୍ଡ ବୁଝିପାରିବବୋଲି ସେ ନିଶ୍ଚିତ ହୋଇପାରୁନଥିଲେ । ତଥାପି ସେ କହିଲେ, "ସେମାନେ ପାକିସ୍ତାନୀ" । ସେ ଲୋକ ହାତରେଥିବା କାଗଜ ରେ ଗୁଡାହୋଇଥିବା ଜିନିଷଟି କଣ ବୋଲି ପଚାରନ୍ତେ, ଦାଦା କହିଲେ, "ତାହା ଧୋତିଟାଏ, ଆମ ଦେଶର ପୁଲିସ୍ ଆଖିରେ ଧୂଳି ଦେବାକୁ ସେମାନେ ତାକୁ ପିନ୍ଧିପକାନ୍ତି । ତେବେ ଧୋତିଟାଏ ପିନ୍ଧିପକାଇଲେ ଯେ କିପରି ତାଙ୍କୁ ତଥା ତାଙ୍କ ମନ୍ଦ ଉଦ୍ଦେଶ୍ୟ ବିଷୟରେ ଆମ ଦେଶର ପୁଲିସବାହିନୀ ଜାଣିପାରିବନି-ଏ ପ୍ରଶ୍ନ ମୋ ଛୋଟପିଲା ମୁଣ୍ଡକୁ ଢୁକିନଥିଲା ।

ପୂର୍ବରୁ ପାକିସ୍ତାନ୍ ବିଷୟରେ ଶୁଣାଜଣା ସବୁ ତଥ୍ୟକୁ ଏକାଠିକରି ସେଦିନ ଏଇ ସିଦ୍ଧାନ୍ତରେ ପହଞ୍ଚିଥିଲି କି, ଭାରତର ସ୍କୁଲଗୁଡିକୁ ଦିନକ ପାଇଁ ବନ୍ଦକରିଦେଇ ଆମ ଦେଶର ଯଥାସମ୍ଭବ କ୍ଷତିକରିଦେବା ପାଇଁ ଆମର ପାରଂପରିକ ଶତ୍ରୁ ପାକିସ୍ତାନୀଙ୍କର ଏ ଚକ୍ରାନ୍ତ । କୁନି ଅନ୍ତପୁରୁଷଟି ମୋର ବିଦ୍ରୋହ କରିଉଠିଥିଲା ସେଦିନ । ଶଙ୍କାକାରୀ ସାର୍‌ଙ୍କ ପାଇଁ ଜାଗିଉଠିଲା ସମବେଦନା ଓ ସମର୍ଥନ । ସାର୍‌ଙ୍କ ପକ୍ଷ ନେବା ପୁର୍ବକ ଆମର ସ୍କୁଲ ଛାଡି ଆସିବାର ନଥିଲା । "ଆମେ ଆସିନଥାନ୍ତୁ " କହି ଉଠିଲି ଜୋରରେ । ପାଖରେ ଛିଡା ହୋଇଥିବା ହାଇସ୍କୁଲ ପଢୁଆ ପିଉଷି ହସିଦେଲା ହାଲ୍‌କା ତାଚ୍ଛଲ୍ୟରେ ଓ କହିଲା, " ଟେକି ଫୋପାଡିଦେଇଥାନ୍ତେ ଦଳ ଗଡିଆକୁ !" ଆମ ସ୍କୁଲ ପାଖ ଦଳଗଡିଆ ଏମିତି

ଏକ କୃଷ୍ଣଗର୍ତ୍ତୀୟ ଜାଗାଟିଏ ଥିଲା ଯେଉଁଠୁ କିଛି ବି ଆଉ ଫେରିପାରୁନଥିଲା, ଯଥା ଆମେ ଖେଳୁଥିବା କ୍ରିକେଟ୍ ବଲ୍, ଆମଠାରୁ ପହଲି ସାର୍ ଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିବା ଗୁଲି, ନଟୁ ଇତ୍ୟାଦି । ମନ କୁ ମନ ଗୁଣ୍ଡୁଗୁଣ୍ଡୁ ହୋଇ ନିଜ ଛୋଟପିଲାତ୍ୱ ର ଅସହାୟତା ସହ ଚୁପ୍‌ରହିବା ଛଡା ଅନ୍ୟ ଉପାୟ ନଥିଲା ।

ଆଜି ଅନୁମାନକରି ବୁଝୁଚି ସେଦିନର ସେ ଯୁବକ ଥିଲେ ମଣ୍ଡଳ କମିସନ ରିପୋର୍ଟ ପରବର୍ତ୍ତୀ ଛାତ୍ର ଆନ୍ଦୋଳନର ଜଣେ ସକ୍ରିୟ କର୍ମୀ, ସମ୍ଭବତଃ ଜଣେ ସ୍ଥାନୀୟ କଲେଜ ଛାତ୍ର । ବୁଲିବୁଲି ସ୍କୁଲ ଓ ଅନ୍ୟ ସରକାରୀ ଅନୁଷ୍ଠାନ ବନ୍ଦକରି ଧର୍ମଘଟକୁ ସଫଳ କରାଉଥିଲେ ବୋଧହୁଏ ।

--ସଂପାଦକ

# ଗୋଟିଏ ଶିତୁଆ ସକାଳ: ସୃଜନର ତିନୋଟି ସତେଜ ପାଖୁଡା

## ଅଙ୍କୁରାୟନ ୨୦୧୦ ର ସୃଜନିକା କାର୍ଯ୍ୟକ୍ରମର ନିର୍ବାଚିତ ତିନୋଟି ଲେଖା ଓ ସେମାନଙ୍କର ସ୍ରଷ୍ଟା ଙ୍କୁ ଶୁଭେଚ୍ଛା ।

### (୧)

ସବୁ ଘଟଣାର ଗୋଟିଏ ଆରମ୍ଭ ଥାଏ । ସେହିପରି ସବୁ ଦିବସର ଗୋଟିଏ ସକାଳ ଥାଏ । ଗ୍ରାମ୍ୟ ପ୍ରଭାତର ଦୃଶ୍ୟ ବେଶ୍ ମନୋରମ । ଗ୍ରାମ୍ୟ ସକାଳର ଆରମ୍ଭ ହୁଏ କାଉର କା କା ସ୍ୱରରୁ, ଯେଉଁଥିରେ ଲୋକମାନଙ୍କ ନିଦ ଭାଙ୍ଗେ, ନିଦ ଭାଙ୍ଗେ ସେହି ହଳୁଆର ଯାହାକୁ ବଳଦମାନଙ୍କୁ ନେଇ ତରବରରେ ଯିବାକୁ ହୁଏ ନିଜ କାର୍ଯ୍ୟକ୍ଷେତ୍ର, କୃଷିକ୍ଷେତ୍ରକୁ । ପ୍ରଭାତ ଗୋଟିଏ ଏପରି ସମୟ ଯାହା ଭାଙ୍ଗେ ମଣିଷର ଅଳସ, ଯାହା ଆଣେ ଅନୁଭୁତିର ନୂତନ ସ୍ପର୍ଶ । ଏହି ପ୍ରଭାତର ସୌନ୍ଦର୍ଯ୍ୟ ଯୁଗେ ଯୁଗେ କବି,

ଦାର୍ଶନିକମାନଙ୍କୁ ପ୍ରଭାବିତ କରିଆସିଛି । ଗ୍ରାମରେ ସକାଳ ପୂର୍ବରୁ ସମସ୍ତେ ଉଠିଯାଆନ୍ତି, କର୍ମପ୍ରବଣ । ସକାଳରେ ମଜୁରିଆମାନଙ୍କ କର୍ମ ଅନ୍ୱେଷଣ ଆରମ୍ଭ ହୁଏ, ସେମାନଙ୍କ ପରିବାରର ପ୍ରତିପୋଷଣ ନିମନ୍ତେ । ଗାଁ ମନ୍ଦିରରେ ପ୍ରଭାତର ମଙ୍ଗଳ ଆଳତି ସମୟର ଘଣ୍ଟନାଦ ମଣିଷକୁ ଟାଣିନେଇଯାଏ ଏକ ଆଧ୍ୟାତ୍ମିକ ଚେତନାକୁ । ସକାଳରେ ବୁଲାବିକାଳି ବାହାରେ ନିଜ ଜିନିଷ ବିକିବା ନିମନ୍ତେ । ପିଲାମାନଙ୍କ ଗାଁଦାଣ୍ଡର ଧୂଳିଖେଳକୁ ଦେଖିଲେ ମନେପଡେ ନିଜ ପିଲାବେଳର କଥା । ପିଲାବେଳର ସାଙ୍ଗସାଥିମାନେ ଆଖିଆଗକୁ ଆସିଯାଆନ୍ତି । ଆଉ ଛାତ୍ରମାନେ ନୂଆ ସକାଳକୁ ମନେକରିଥାଆନ୍ତି ଏକ ନୂଆ ଯୁଗ, ସେମାନଙ୍କ ଭିତରେ ଥିବା ପ୍ରତିଭାର ପରିପ୍ରକାଶ ନିମନ୍ତେ । କୁକୁଡାର ଡାକ ଗ୍ରାମ୍ୟ ସକାଳର ଏକ ମନମୋହକ ଘଟଣା । ସକାଳ ହେଲା ମାତ୍ରେ ଗ୍ରାମର ଆବାଳ ବୃଦ୍ଧବନିତା ହୋଇଯାଆନ୍ତି କର୍ମପ୍ରବଣ । ବୁଢାବୁଢୀମାନେ ସକାଳର ପରଶ ପାଇବା ନିମନ୍ତେ

ବସିଯାଆନ୍ତି ମେଳହୋଇ ଓ ପୁରୁଣା ଗପର ପେଡି ଖୋଲିଦିଅନ୍ତି । ତରୁଣୀମାନେ ଚାଲିଯାଆନ୍ତି ପାଖ ନଦୀକୁ ପାଣି ନିମନ୍ତେ କାରଣ ଗ୍ରାମରେ ପାଣିର ବିଶେଷ ସୁବିଧା ନଥାଏ । ଗ୍ରାମର ବଧୂମାନେ ଆରମ୍ଭ କରନ୍ତ ନିଜର ବାସିକାମ । ବାସିକାମ ସାରି ସ୍ନାନକରି ଲାଗିଯାଆନ୍ତି ଭଗବାନଙ୍କ ଆରାଧନା ସହିତ ନିଜର କାର୍ଯ୍ୟରେ । ଗ୍ରାମର ପୁରୁଷମାନେ କୃଷିକ୍ଷେତ୍ରକୁ ଯିବାବେଳେ ପିଲାମାନେ ଚାଲିଯାଆନ୍ତି ବିଦ୍ୟାଳୟକୁ । ଗ୍ରାମର ସକାଳର ପରିବେଶ ବେଶ୍ ଶାନ୍ତ ଓ ମନୋରମ, ଯାହା ଯୁଗେ ଯୁଗେ ଦାର୍ଶନିକ ମାନଙ୍କ ମନକୁ ଜିଣିନେଇଛି । ସମୟର ଅବିରାମ ଗତିମଧ୍ୟରେ ସକାଳ ଆସେ ଓ ଯାଏ ଓ ଛାଡିଦେଇଯାଏ କିଛି ଅଭୁଲା ସ୍ମୃତି । ସକାଳ ହେଲାମାତ୍ରେ ଭାସି ଆସେ ଆମ୍ବତୋଟାରୁ ବଉଳର ବାସ୍ନା, ଖୋଲେ ବୁଢୀମା'ର ଗପ ର ପେଡି ଓ ଆରମ୍ଭହୁଏ ମହାନାୟକଙ୍କ ମହାଯାତ୍ରା । ତେବେ ସକାଳର ସବୁ ଠାରୁ ଆକର୍ଷଣୀୟ ଦୃଶ୍ୟ ନୂତନ

ସୂର୍ଯ୍ୟର ଉଦୟ ।  ତେବେ ଗ୍ରାମର ସକାଳ ସହରର ଚାକଚକ୍ୟ ଠାରୁ ବହୁତ ଭଲ । ମୋର ଅନୁଭୂତି ଅଧିକ ନଥିବାରୁ ମୁଁ ମୋ ସ୍ୱଳ୍ପ ଅନୁଭୂତିକୁ ପାଥେୟକରି ଯାହାବି ଲେଖିଛି, ସେଥିରେ ତ୍ରୁଟି ଥିଲେ କ୍ଷମାଦେବେ ।

--ଅମିୟ ରଞ୍ଜନ ପଣ୍ଡା, ଅଷ୍ଟମ ଶ୍ରେଣୀ, ସରସ୍ୱତୀ ଶିଶୁମନ୍ଦିର, ମାହାଳହାଟ, ମୁଗୁରିଆ, କଟକ ।

(୨)

ଧୀରେ ଧୀରେ ସୁପ୍ରଭାତ ହୋଇଆସେ । ସମୟର କଣ୍ଟା ଅବିରାମ ଗତିରେ ଚାଲିଥାଏ । ସକାଳୁ ସକାଳୁ କାଉର କା' କା' ରାବ କୋଇଲିର କୁହୁକୁହୁ ସ୍ୱରରେ ବାଧ୍ୟହୋଇ ବିଛଣା ଛାଡିବାକୁ ପଡେ । ଘର ବାହାରକୁ ଆସିବାମାତ୍ରେ ଆଖିଆଗରେ ପଡେ ଚମତ୍କାର ଦୃଶ୍ୟ । ଯେପରି ସତରେ ଗଛଗୁଡିକ ସୁପ୍ରଭାତ ଜଣାଇବା ପାଇଁ ଅପେକ୍ଷାକରି ରହିଛନ୍ତି । ଗାଁଦାଣ୍ଡର ଲୋକମାନେ ଅତି ଆନନ୍ଦର ସହିତ ଘର

ସମ୍ମୁଖରେ ଚାଲିଯାଉଛନ୍ତି । କୃଷକଟି ତାର ଉପକରଣଟିକୁ ସାଥିରେ ଧରି ଚାଲିଯାଉଛି କ୍ଷେତ ଅଭିମୁଖେ । ସକାଳୁ ସକାଳୁ  ଲୋକମାନେ ତାଙ୍କର ନିତ୍ୟକର୍ମସାରି ଫେରିଯାଉଛନ୍ତି ଗୃହକୁ । ସୂର୍ଯ୍ୟଙ୍କର ପୂର୍ବଦିଗର କିରଣରେ ଥିବା ସୁନେଲି ରଙ୍ଗର ଅଦ୍‌ଭୁତ ଚମତ୍‌କାର ମନକୁ ଝଲସାଇ ଦେଉଛି । ସତେଯେପରି ପ୍ରକୃତିର କୋଳରେ ଏ ସୁନ୍ଦର ଜୀବଜଗତ ତା'ର ଲୀଳା ବିସ୍ତାର କରିଛି । ସକାଳୁ ସକାଳୁ ଧୀବର ଜାଲନେଇ ଚାଲିଛି ନଦୀ ଅଭିମୁଖେ ମାଛ ମାରିବା ଉଦ୍ଦେଶ୍ୟରେ । ସୁଶୀତଳ ପବନ ଦ୍ୱାରା ଥରହର ହେଉଛି ଜଙ୍ଗଲ । ନୂଆ ନୂଆ କଥାସବୁ ଶୁଣିବାକୁ ମିଳୁଛି ଘର ଆଗରେ ଯାଉଥିବା ଲୋକମାନଙ୍କ ମୁଖରୁ । ସକାଳୁ ସକାଳୁ ଗ୍ରାମ୍ୟ ଜୀବନରେ ନୂଆ ଆଶାର ଆଲୋକ ଦେଖାଯାଉଛି । ଲୋକମାନେ ଯାଉଥାନ୍ତି ତାଙ୍କର କାର୍ଯ୍ୟାଳୟକୁ । ଅତି ସୁନ୍ଦର ଲାଗୁଥାଏ ଏଇ ଦୃଶ୍ୟଦେଖିବା ପରେ । ଘରେ ଘରେ ସଦସ୍ୟଙ୍କ ମନରେ ଚାଲୁଅଛି ଆଳାପ ଆଲୋଚନା । ପକ୍ଷୀମାନେ

କିଚିରି ମିଚିରି ଶବ୍ଦକରି ଚାଲିଯାଉଥାନ୍ତି ଖାଦ୍ୟ ଅନ୍ୱେଷଣରେ । ପରଜାପତିଟି ଅତି ନିର୍ଭୟର ସହ ଫୁଲରୁ ଫୁଲକୁ ଉଡି ମହୁ ସଂଗ୍ରହ କରୁଥାଏ । ସକାଳୁ ସକାଳୁ ଚାଲିଯାଉଥାନ୍ତି ଆନନ୍ଦର ସହ ଚରିବାପାଇଁ ଗୃହପାଳିତ ପଶୁମାନେ । କେତେ ସୁନ୍ଦର ! କେତେ ମନୋରମ ଏହ  ଦୃଶ୍ୟସବୁ । ମନଚାହେଁ ନାଚିନାଚି ଗାଇଗାଇ ଜୀବନକୁ ଆପ୍ରାଣ ଉପଭୋଗ କରିବାକୁ । ଯେପରି କୌଣସି ପ୍ରତିଯୋଗିତାରେ ଏକ ଅଭୁଲା ସ୍ମୃତି ଭାବେ ରହିବାକୁ ଇଚ୍ଛାହୁଏ । ସୁପ୍ରଭାତ ଦ୍ୱାରା ସମସ୍ତେ ନିଜ ନିଜ ମତ ପ୍ରକାଶ କରୁଥାନ୍ତି । ଜାଣିବାକୁ ଇଚ୍ଛାହୁଏ, ଗ୍ରାମରେ ଥିବା କୋଣଅନୁକୋଣରେ ସମସ୍ତ ଲୋକଙ୍କ ପରିଚୟ । ସକାଳୁ ସକାଳୁ  ବରଗଛ ତା'ର ଡାଳମେଲାଇ ଠିଆହୋଇ ଯାଇଥାଏ ବାଟୋଇକୁ ଛାଇ ଦେବାପାଇଁ । ସମସ୍ତେ ନିଜର ଯାତ୍ରା ଆରମ୍ଭ କରିଦେଇଥାନ୍ତି । ଛୋଟ ଛୋଟ ପିଲାମାନେ ଆଗମନ କରିଥାନ୍ତି ବିଦ୍ୟାଳୟକୁ ପାଠପଢିବା ପାଇଁ । ଏତିକିରେ ଶେଷହୁଏ ସୁପ୍ରଭାତର ମନୋରମ ଦୃଶ୍ୟ ।

–ପଦ୍ମନାଭ, ଅଷ୍ଟମ ଶ୍ରେଣୀ, ସରସ୍ୱତୀ ଶିଶୁମନ୍ଦିର, ମାହାଳହାଟ, ମୁଗୁରିଆ, କଟକ ।

(୩)

ସକାଳ ସୂର୍ଯ୍ୟର କଅଁଳ କିରଣ ଗାଁ ଦାଣ୍ଡରେ ପଡିଥାଏ । ପକ୍ଷୀମାନଙ୍କ ଦ୍ୱାରା ଦାଣ୍ଡରେ କିଚିରି ମିଚିରି ଶବ୍ଦ ହେଉଥାଏ । ନଦୀକୂଳରୁ ଧୀର ପବନ ବହିଆସୁଥାଏ । କାଉମାନେ କାଆ କାଆ ରାବୁଥାନ୍ତି । ବସନ୍ତ ଋତୁ ହୋଇଥିବାରୁ କୋଇଲି କୁହୁ କୁହୁ ରାବ କରିଥାନ୍ତି । ଗାଈମାନେ ହମା ହମା ରାବୁଥାନ୍ତି । ସକାଳୁ ଶୁଆମାନେ ମିଟୁ ମିଟୁ କହି ଡାକରା ଦେଉଥାନ୍ତି । କୁକୁଡା ରାବୁଥାନ୍ତି । ପିଲାମାନେ ପାଠଶାଳାକୁ ପାଠପଢିବାକୁ ଯାଉଥାନ୍ତି । ବୁଢାଲୋକମାନେ ଦାଣ୍ଡପିଣ୍ଡାରେ ବସି ଦାନ୍ତ ଘଷୁଥାନ୍ତି । ସ୍ତ୍ରୀଲୋକମାନେ ଘରର ଅଗଣା ଲିପୁଥାନ୍ତି । ବରଗଛ ପାଖରେ ଶଗଡ ଥୁଆ ହୋଇଥାଏ ।

––ଦିପ୍ତିରଞ୍ଜନ ପରିଡା, ପଞ୍ଚମ ଶ୍ରେଣୀ, ଭଦିଲୋ ପ୍ରାଥମିକ ବିଦ୍ୟାଳୟ

# ଭଲକଥା

(୧)

ପୃଥିବୀର ଲୋକେ ମୋ ସଂପର୍କରେ କଣ ଭାବନ୍ତି ମୁଁ ଜାଣେନା, କିନ୍ତୁ ମୋ ନିଜ ଆଖିରେ ମୁଁ ସମୁଦ୍ରକୂଳରେ ଖେଳରତ ବାଳକଟିଏ ମାତ୍ର ; ଥରେ ଥରେ ଚିକ୍କଣ ଉପଳଖଣ୍ଡଟିଏ ବା ସୁନ୍ଦର ଶାମୁକାଟାଏ ଗୋଟୋଉଛି; କିନ୍ତୁ ସତ୍ୟର ବିଶାଳ ସମୁଦ୍ର ରହିଛି ଅନାବିଷ୍କୃତ । ଏ ଉକ୍ତି ବରେଣ୍ୟ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍‌ଙ୍କର । ସ୍ଥୂଳ ଜ୍ଞାନ ଆହରଣ ଦିଗରେ ମାନବୀୟ ପ୍ରଯତ୍ନ ପ୍ରତି ପ୍ରଦତ୍ତ ଉପରୋକ୍ତ ଉକ୍ତି ଆଧ୍ୟାତ୍ମିକ ଜଗତର ଜ୍ଞାନ ସଂପର୍କରେ ମଧ୍ୟ ପ୍ରଯୁଜ୍ୟ–କହନ୍ତି ସାଧକସ୍ରଷ୍ଟା ଶ୍ରୀ ମନୋଜ ଦାସ ।

(୨)

ପ୍ରତ୍ୟେକ ମଣିଷ ଗୋଟିଏ ଅବଗୁଣ୍ଠିତ ଦେବତା ।

(୩)

ଜ୍ଞାନ ଉଦୟର ନିର୍ଭୁଲ ସଙ୍କେତ ହେଲା ଏଇ ଅନୁଭବ ଯେ, ମୁଁ କିଛି ଜାଣିନାହିଁ ବା ଖୁବ୍ ଅଳ୍ପ ଜାଣିଚି ।

(୪)

ସହାନଭୂତି ଏମିତି ଏକ ଚିଜ ଯାହା ସେମିତି ଲୋକକୁ ମିଳେନାହିଁ ଯିଏ ଏହାକୁ ସବୁଠୁଁ ବେଶୀ ଦରକାର କରେ ।

---

# ଝୁରୁଥାଏ ତୋତେ

ମୁଁ ତୋତେ କେବେ ଦେଖିନଥିଲି । ଏତିକି ଖାଲି ଜାଣିଥିଲି, ତୁ ଭଲପିଲାଟିଏ–ଭଲପାଇହେଲା ଭଳି ସାଙ୍ଗଟିଏ, ମୋତିମାଣିକ ଭରା ମୋ ସାଙ୍ଖଣିର

ହୁଏତ ଆଉ ଗୋଟିଏ କୋହିନୁର । ଟିକିପିଲାଙ୍କ ପାଇଁ ତୋ ଭିତରେ ଭର୍ତ୍ତିହୋଇଥିବା ସରାଗର ଉଷୁମପଣ ବି ବାରିପାରିଥିଲି ଗଲାବର୍ଷ ଅଙ୍କୁରାୟନ ବେଳେ, ଯେତେବେଳେ ତୁ ସୁଶାକୁ ଫୋନକରିଥିଲୁ ଏଇୟା ବୁଝିବାକୁ ଯେ କେମିତି ଚାଲିଚି ଅଙ୍କୁରାୟନ । କିଛି ପଇସା ବି ପଠାଇଥିଲୁ ଏଥିପାଇଁ, ମୁଁ ତାପରେ ଜା ଣିଲି । ଜାଣୁଥିଲି, ଆମପରି ଆଉ ଜଣେ କେହି, ଆକାଶ କୁ ଦେଖି ଖୁସି ହେଉଥିବ, ଚାଲିଗଲାବେଳେ ଫୁଲଟିରେ ହାତ ମାରିଦେଉଥିବ, ରାସ୍ତାକଡରେ ବସିଥିବା ମଇଳା ବୁଢୀଟିକୁ ଦେଖି ଅଟକିଯାଉଥିବ ତା ପାଦ କେଇ ସେକେଣ୍ଡ୍ ପାଇଁ ! ପୁଣି, କବିତା ଖାଇ ବଞ୍ଚୁଥିବ ଦିନେ ଦିନେ, ଭଲ ପାଉଥିବ ମନଭରି, ମଣିଷର ଲୁହ ସହିନପାରି ବେଳେ ବେଳେ ଭଗବାନଙ୍କ ବିରୁଦ୍ଧରେ ଯୁଦ୍ଧକରିବାକୁ ଭାବୁଥିବ ! ଭାବୁଥିଲି; ହଁ କେବେ ତ ଗୋଟେ ଦେଖାହେବ ତା ସାଙ୍ଗରେ, ହଜିଲା ଚିଜ ଫେରିପାଇବା ପରି ଲାଗିବ । କେଇ ଘଣ୍ଟା କଥାହେବା ପରେ ମୋତେ ଲାଗିବ,

ଆରେ ସଂନ୍ଧ୍ୟା ହେଲାଣି । କଥା ଅଧା ଥିବ, ଆଉଥରେ ପାଇକା କୂଳେ ଦେଖା ହେବାର କଥା ଦିଆନିଆ ହୋଇ ଯେଝା ଘରକୁ ଯିବୁ ।  ତାପରେ ଗଢ଼ିଉଠିବ ନିବିଡତାର ଆଉ ଗୋଟିଏ ଇମାରତ ……

କାଲି ମୁଁ ମୋବାଇଲ୍ ରୁ ଅଦରକାରୀ ଫୋନ୍ ନଂବରଗୁଡା ଡିଲିଟ୍ କଲାବେଳେ, ଦେଖିଲି ପ୍ରଶାନ୍ତ, ଲକ୍ଷ୍ମୀପଡା । ତାପରେ ଆଉ ଡିଲିଟ୍ କରିପାରିଲିନି । ସାତମାସ ତଳୁ ତୁ ରାଉରକେଲାର ଗୋଟିଏ ଗାଡି ଧକ୍କାରେ ଆମସମସ୍ତଙ୍କୁ ଛାଡି କୁଆଡେ ଚାଲିଯାଇଛୁ । ଆଉ ଜମା ଆସିବୁନି । ଜମାରୁ ଦେଖିନଥିବା ତୋ ମୁହଁ ଦିଶୁଥିଲା, ଜଳଜଳ ଦେଖାଯାଉଥିଲା ତୋ ଆଖି ।

--ଅଙ୍କୁରାୟନର ଜଣେ ସ୍ୱଛାସେବୀ

# ଗାଁ ନା ସହର !

ପ୍ରଥମ ବର୍ଷାରେ ଭିଜା ମାଟିର ମହକ, ଶିଶିରର ନିର୍ଝରରେ ଆମ୍ବ ବଉଳର ବାସ୍ନା, ରାତ୍ରର ନିସ୍ତବ୍ଧ ପ୍ରହରରେ ଝିଙ୍କାରିର ଝିଁ ଝିଁ ସ୍ୱର, ବସନ୍ତରେ କୋଇଲିର କୁହୁତାନ, ଗ୍ରୀଷ୍ମରେ ନଈକୂଳ ଆମ୍ବତୋଟାରେ ବଗୁଲିଆ ପିଲାଙ୍କର କୋଳାହଳ, ଗୋଧୂଳି ଲଗନରେ ଗାଈଗୋରୁଙ୍କ ହମ୍ବାରଡି, ସଞ୍ଜରେ ନୂଆବୋହୂଙ୍କର ଚଉରାମୂଳେ ସଞ୍ଜବତୀ, ଗାଁ ମନ୍ଦିରରେ ଶଙ୍ଖ ଘଣ୍ଟଘଣ୍ଟାର ଧ୍ୱନି ହିଁ ଗାଁ ।
କିନ୍ତୁ ସହର !
ନିହାତି ବ୍ୟସ୍ତବହୁଳ, କୋଳାହଳମୟ, ଆଉ ଅଶାନ୍ତିର ବାତାବରଣ । ମଣିଷଗୁଡାକ ସତେ ଯେମିତି ଅପରିଚିତ । ସବୁଆଡେ ଖାଲି ଅବିଶ୍ୱାସର ମେଞ୍ଚା ମେଞ୍ଚା ପୂଜରକ୍ତ ।
ଗାଁର ସେ ମାଟି ଚୁଲି, କାଠ ଚଟୁ, ସହରର ଗ୍ୟାସଚୁଲା ଷ୍ଟିଲ ଖଡିକା ହୋଇନପାରେ । ଗାଁର ସେ ନଈକୂଳିଆ ପବନ ସହରର ବିଦ୍ୟୁତପଙ୍ଖା ହୋଇନପାରେ । ଗାଁର ସେ ଆକାଶ ଟଣା ଆଲୁଅ ସହରର ବତିଖୁଣ୍ଟ ଆଲୁଅ ହୋଇନପାରେ । ଗାଁର ସେ ଶାଗପଖାଳ ସହରର

ମଟନ ବିରିୟାନି ହୋଇ ନପାରେ । ଗାଁର ବରକୋଳି କଣ୍ଟେଇକୋଳି ସହରର ଅଙ୍ଗୁରକୋଳି ହୋଇନପାରେ । ଗାଁର ସେ ମାଟି ଚଉରା ସହରର ମାର୍ବଲଖଞ୍ଜା ମନ୍ଦିର ହୋଇନପାରେ । ଗାଁର ସେ ମାଟିକାନ୍ଥର ମାଣଚିତା ସହରର ସେ ଇଟାକାନ୍ଥର ଛାଞ୍ଚଚିତା ହୋଇନପାରେ । ଗାଁର ସେ ମାଠିଆର ପାଣି  ସହରର ଫ୍ରିଜ୍ ପାଣି ହୋଇନପାରେ । ଗାଁର ମାଆର ଧୂଳିମିଶା ପଣତକାନି ସହରର ସେ ଦାମିକା ଶିଲ୍କ ଲୁଗା ହୋଇନପାରେ । ଗାଁର ବୋଉ ଡାକର ମଧୁରତା ସହରର ସେ ମମି ଡାକରେ ରହିନପାରେ ।

ବାସ୍ତବିକ୍ ଗାଁ ର ବିକଳ୍ପ ସହର ହୋଇନପାରେ ।

–ଦିପ୍ତିରଂଜନ ପରିଡା ଓ ସୁଶାନ୍ତ କୁମାର ମଲ୍ଲିକ

---

# ଅଙ୍କୁରାୟନ

ପାଇକା କୂଳର ଖୋଲା ଆକାଶ,
ସାଇତିଛି ସିଏ ଖୁସି ଅଶେଷ ।

ଗଢିଥିଲା ଯହିଁ ଅଙ୍କୁରାୟନ,
ଜିତିଥିଲା ସିଏ ସଭିଙ୍କ ମନ ।
ମୁନୁଭାଇ ତାରାଭାଇଙ୍କୁ ନେଇ,
ଟୁଲାଦାଦା ସୁଶାଭାଇଙ୍କ ପାଇଁ ।
ଗଢିଥିଲେ ଏହି ଅଙ୍କୁରାୟନ,
କରିଥିଲେ ସତେ କେତେ ଯତନ ।
ନିଷ୍ଠାପର କର୍ମ ସାଧୁ ଉଦ୍ୟମ,
ହୁଏ ନାହିଁ କେବେ ବ୍ୟର୍ଥ ଏ ଶ୍ରମ ।
ମନରେ ଆଗ୍ରହ ହୃଦୟେ ଆଶା,
'ବନ୍ଧୁ' ହୃଦୟରେ ବାନ୍ଧିଲା ବସା ।
ସ୍ୱେଚ୍ଛାସେବୀ ଭାଇଙ୍କ ସହଯୋଗେ,
ଆଗେଇଛି ଅଙ୍କୁରାୟନ ଏବେ ।
କରୁଚି ସେ କେତେ କ୍ରୀଡା କୌତୁକ,
ହସି ହସାଉଚି ଲୋକ ଅନେକ ।
ହସ ଝରୁଥାଉ ତା ଓଠୁ ସଦା,
ଗାଉଥାଉ ସାମ୍ୟ ମୈତ୍ରୀର ଗାଥା ।
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ,
ଅଙ୍କୁରାୟନ କୁ ଆସୁଥାଅରେ ।

ଅଙ୍କୁରାୟନର ଏହି ସନ୍ଦେଶ,
ଫୁଟୁଥାଉ ପିଲା ମୁଖରେ ହସ ।
-ମିତାଲି ମଧୁସ୍ମିତା କର, ନବମ ଶ୍ରେଣୀ,
ରାଏସର ଖରିଶାଣ ହାଇସ୍କୁଲ

# ଆପଣଙ୍କୁ ନିମନ୍ତ୍ରଣ

ଦିନ ଛୋଟ ହେଲା । ଶୀତ ବଢିଲା । ରାତିରେ ପଡିଲା କାକର । ଖରା ହେଲା କଅଁଳିଆ । କମ୍ବଳ ଓ ସିଉଟର ବାହାରିଲା ପେଟିରୁ । ବିଲରେ ଫୁଟିଲା ସୋରିଷଫୁଲ । ଘରପଛ ବାଡିରେ ଚହଟିଲା ହେନାଫୁଲ ।ଷାଣ୍ମାସିକ ପରୀକ୍ଷା ସରି ଧାନକଟା ଛୁଟିହେଲା । ଗୁଡି ଉଡିଲା । ଧାନଖଳା ପୂରିଉଠିଲା । ମକରଯାତ୍ରାର ସମୟ ହେଲା । ପୁଣି ହେବାକୁ ବସିଲା ***ଅଙ୍କୁରାୟନ*** ର ପୁନର୍ଜନ୍ମ ତଥା ପଞ୍ଚମ ନବକଳେବର ।

ତଳେ ଖୋଲା ପଡିଆର ଅଧାମଲା ଘାସ, ଉପରେ ଅହୁରି ଖୋଲା ଆକାଶ । ହଳେ ଚେୟାର ଟେବୁଲ, ଚାରି ପାଞ୍ଚଟି ସ୍ୱେଚ୍ଛାସେବକ, ପାଞ୍ଚ ଦଶଟି ସ୍କୁଲ୍‌ର କୋଡିଏ ତିରିଶ ପିଲାଙ୍କୁନେଇ ପାଞ୍ଚବର୍ଷ ତଳେ ସମ୍ଭବିଥିଲା ଅଙ୍କୁରାୟନ, ଆମ ପ୍ରିୟ ଅଖିଲ୍‌ନନାଙ୍କ

ଆନୁକୂଲ୍ୟରେ । ଆଜି ଶତାଧିକ ବିଦ୍ୟାଳୟ ନିମନ୍ତ୍ରିତ, ହଜାରରୁ ଅଧିକ ପିଲାଙ୍କ ସମାଗମ, ଏହାର ଆୟୋଜକ "ବନ୍ଧୁ" ଓଡିଶା ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ । ଏବଂ ସର୍ବାଗ୍ରେ ଗୁରୁତ୍ୱପୂର୍ଣ୍ଣ , ଆମର କ୍ରମବର୍ଦ୍ଧମାନ ଶୁଭେଚ୍ଛୁ ।

ଆମକୁ ଭଲଲାଗେ, ଆମେ ଏହାକୁ ଆୟୋଜନ କରୁ । ଆପଣଙ୍କ ପିଲା ଏଥିରେ ସାମିଲ୍ ହୁଅନ୍ତି, ତାଙ୍କୁ ତଥା ଆପଣଙ୍କୁ ଭଲଲାଗେ । ଆମମାନଙ୍କ ଭିତରେ ଭଲପଣ ଟିକେ ଅଛି ବୋଲି ସିନା ଆମକୁ ଏସବୁ ଭଲ ଲାଗିପାରେ ! ଭଲପଣର ସେଇ ନିଆଁଖୁଣ୍ଟିଟି ଯେତେବେଳେ ଆମର ସମଗ୍ର ଅସ୍ତିତ୍ୱକୁ ଆବୋରି ବସିବ, ତାର ଅଭିଷେକ ହେବ ଆମ ଆତ୍ମାର ସିଂହାସନ ଉପରେ, ତେବେଯାଇ ଖୋଲିଯିବ ବନ୍ଧନ, ଦୁଖ ହେବ ଦିବ୍ୟ, ଆନନ୍ଦ ହେବ ଚିରନ୍ତନ, ମଣିଷ ହେବ ଦେବତା । ସେତକ, କେବଳ ସେଇତକକୁ ସମ୍ଭବ କରେଇବା ପାଇଁ ହିଁ ଅଙ୍କୁରାୟନର ପରିକଳ୍ପନା, ଜନ୍ମ, ଜୀବନ ଏବଂ ସମ୍ଭବତଃ ବିଲୟ ।

ଆପଣଙ୍କ ଭଲପଣକୁ ଆମେ ନିଷ୍ଠାର ସହ ଆବାହନ କରୁଚୁ । ଏଥିରେ ଆପଣଙ୍କ ଯଥାରୀତି ଯୋଗଦାନ ସମସ୍ତଙ୍କ ପାଇଁ ହେବ କଲ୍ୟାଣକର । ଆପଣଙ୍କ ଅଭିଯୋଗ ବା ଅଭିନନ୍ଦନ ଆମ ପାଇଁ ସମାନଭାବେ ସ୍ୱୀକାର୍ଯ୍ୟ ।

--ଆବାହକ, ଅଙ୍କୁରାୟନ-୨୦୧୧

# ଅର୍ଦ୍ଧଦଶକର ଅଙ୍କୁରାୟନ

ଚେନାଏ ସ୍ୱପ୍ନ ଓ ଆଞ୍ଜୁଳାଏ ସମ୍ଭାବନା, ଅଙ୍କୁରାୟନ-୨୦୦୭,

ଅମିୟ ରଞ୍ଜନ ମହାନ୍ତି

ଆନନ୍ଦ ଓ ଅଭିପ୍ସାର ଆନୟନ, ଅଙ୍କୁରାୟନ-୨୦୦୮,

ସୁଧାଂଶୁ ମୋହନ ରାଉତ

ଶାନ୍ତି ଓ ସହାନଭୁତିର ଆନୟନ, ଅଙ୍କୁରାୟନ-୨୦୦୯,

ସୁଧାଂଶୁ ମୋହନ ରାଉତ

ଏକ ନିର୍ମଳ ମଣିଷର ଆବାହନ, ଅଙ୍କୁରାୟନ-୨୦୧୦,

ସୁଶାନ୍ତ କୁମାର ମଲ୍ଲିକ୍

ପିଲାଟିଏ ଫୁଲଟିଏ, ଅଙ୍କୁରାୟନ-୨୦୧୧,

ତାରାକାନ୍ତ ନାୟକ

ଆମ ଫୋନ୍:

୯୪୩୭୪୩୯୩୭୧

୯୪୩୭୩୮୫୮୪୪

୮୮୯୫୧୮୨୪୪୦